### ରାଷ୍ଟ୍ରୀୟ ଲୋକ ଅଦାଲତ

# ୨ ଲକ୍ଷ ୬୭ ହଜାର ମାମଲାର ସମାଧାନ

ଜଟକ,୧୪।୯(ବ୍ୟୁରୋ): ଆଜି ସମଗ୍ର ରାଜ୍ୟରେ ବିଭିନ୍ନ ଜିଲ୍ଲା ଅଦାଲତ, ଟ୍ରିବ୍ୟୁନାଲ୍ ଆଦିରେ ତୃତୀୟ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨ଲକ୍ଷ ୬୭ ହଜାର ୧୩ଟି ମାମଲାର ସମାଧାନ ହୋଇଥିଲାବେଳେ ଏଥିରୁ ୧୯୫ କୋଟି ୪୯ ଲକ୍ଷ ୨୭ ହଜାର ୨୩୨ ଟଙ୍କା ଆଦାୟ ପାଇଁ ବିଭିନ୍ନ ପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନସେବା ପ୍ରାଧିକରଣର ପାଟ୍ରନ୍-ଇନ୍-ଚିଫ୍ ଜଷ୍ଟିସ୍ ଚଳୁରାଣୀ ଶରଣ ସିଂ ଏବଂ ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ୍ ଅରିନ୍ଦମ ସିନ୍ହାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ୧୮ ହଜାର ୨୬୬ଟି ପଡ଼ି ରହିଥିବା(ପେଣ୍ଡିଂ ମାମଲା) ଏବଂ ୨ଲକ୍ଷ ୪୪ ହଜାର ୭୫୬ଟି ଚାଲୁଥିବା ମାମଲା

**୧୯୫ କୋଟି ଟଙ୍କା ଆଦାୟ ନିର୍ଦ୍ଦେଶ**

ସମାଧାନ କରାଯାଇଥିଲା। ଆହୁରି ମଧ୍ୟ ୫ହଜାର ୫୯୦ଟି ପ୍ରି-ଲିଟିଗେସନ୍ ମାମଲାର ସମାଧାନ କରାଯାଇଥିଲା। ଏଥିରୁ ୨୭୬ଟି କ୍ରିମିନାଲ୍ କମ୍ପାଉଣ୍ଡେବୁଲ୍ ମାମଲା ଥିଲା ବେଳେ ୧୭୪୩ଟି ଏନ୍‌ଆଇ ମାମଲା, ୭୯୩ଟି ଚାଲୁ ରିଜରି ମାମଲା, ୧୩୧୧ଟି ମୋଟର ଦୁର୍ଘଟଣାଜନିତ ମାମଲା, ୮୮ଟି ଶ୍ରମ ବିବାଦ ମାମଲା, ବିଦ୍ୟୁତ୍, ପାଣି ସଂକ୍ରାନ୍ତ ୨୧ଟି ମାମଲା, ୬୯୬ଟି ବୈବାହିକ ବିବାଦ ମାମଲା, ଜମି ଅଧିଗ୍ରହଣ ସଂକ୍ରାନ୍ତ ୧୩ଟି ମାମଲା, ପେନ୍‌ସନ୍ ସଂକ୍ରାନ୍ତ ୩ଟି, ୨ଲକ୍ଷ ୪୨ ହଜାର ୭୫୬ଟି ଚାଲୁ ସଂକ୍ରାନ୍ତ ମାମଲା, ୪୨ଟି ଉପଭୋକ୍ତା ବିବାଦ ମାମଲା, ୧୮୮ଟି ଦେଖିବା ମାମଲା, ୧୧ ହଜାର ୫୨୯ଟି ଫୌଜଦାରୀ ମାମଲା, ୨୨ଟି ଋଣ ଆଦାୟ ମାମଲା, ୬ଟି ରାଜ୍ୟ ଉପଭୋକ୍ତା ବିବାଦ ସମାଧାନ ମାମଲାର ଶୁଣାଣି ହୋଇ ସମାଧାନ କରାଯାଇଛି।

### ହାଇକୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

# ୧୦ କୋଟି ଟଙ୍କା ଆଦାୟ ନିର୍ଦ୍ଦେଶ



ଜଟକ,୧୪।୯(ବ୍ୟୁରୋ): ଓଡ଼ିଶା ହାଇକୋର୍ଟରେ ଆଜି ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ୧୩୭ଟି ମାମଲାର ସମାଧାନ କରାଯାଇ ଏ ବାବଦରେ ୧୦ କୋଟି ୫୧ ଲକ୍ଷ ୫୮ହଜାର ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଇନ୍‌ସ୍ୟୁରାନ୍ସ ମାମଲା, କ୍ରିମିନାଲ୍ କମ୍ପାଉଣ୍ଡେବୁଲ୍ ମାମଲା, ଚାକିରି ସଂକ୍ରାନ୍ତ ମାମଲାର ସମାଧାନ କରାଯାଇଥିଲା। ହାଇକୋର୍ଟର ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର ପାଟ୍ରନ୍-ଇନ୍-ଚିଫ୍ ଜଷ୍ଟିସ୍ ଚଳୁରାଣୀ ଶରଣ ସିଂ ଏବଂ ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ୍ ଅରିନ୍ଦମ ସିନ୍ହା, ହାଇକୋର୍ଟ ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଜଷ୍ଟିସ୍ ଦେବବ୍ରତ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ, ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର, ଜଷ୍ଟିସ୍ ଭି. ନରସିଂହ, ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ, ଜଷ୍ଟିସ୍ ଏସ୍.କେ. ମିଶ୍ର ବିଭିନ୍ନ ମାମଲାର ଶୁଣାଣି କରିଥିଲେ।

## ପେନ୍‌ସନ୍ ପ୍ରସଙ୍ଗରେ ଆଲୋଚନା ପାଇଁ ଦିଲ୍ଲୀ ଗଲେ ତିନି ପ୍ରତିନିଧି

ଭୁବନେଶ୍ୱର,୧୪।୯(ବ୍ୟୁରୋ): ଷ୍ଟାଟିସ୍ଟିକ୍ୟାଲ ପେନସନ ସ୍କିମ୍ ଲାଗୁ କରାଯିବାକୁ କେନ୍ଦ୍ର ଜ୍ୟାବିଟେନ୍ସ ନିଷ୍ପତ୍ତି ନେଇଥିବାରୁ ଏହାକୁ ପେନ୍‌ସନଲୋମାନେ ବିରୋଧ କରୁଛନ୍ତି। ଏ ନେଇ ଆସନ୍ତାକାଲି(ରବିବାର) ଦିଲ୍ଲୀ ଠାରେ ସମସ୍ତ ରାଜ୍ୟର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ଏନଏମଓପିଏସ୍ ଓଡ଼ିଶା ରାଜ୍ୟ ସଭାପତି ବିଚାର ମଲ୍ଲ, ବଙ୍କୀମ ଚନ୍ଦ୍ର ସାମର, ପ୍ରିୟବ୍ରତ ପ୍ରଧାନ ଯୋଗ ଦେଇ ପେନସନ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ଓଡ଼ିଶା ସମେତ ସବୁ ରାଜ୍ୟ ନାସନାଲ ପେନ୍‌ସନ ସ୍କିମ (ଏନ୍‌ପିଏସ୍)କୁ ବିରୋଧ କରିଆସୁଛନ୍ତି। ଆନ୍ଦୋଳନ ମାଧ୍ୟମରେ ଗତବର୍ଷ ଦିଲ୍ଲୀ ଠାରେ ସବୁ ରାଜ୍ୟର ୧୦ ଲକ୍ଷରୁ ଅଧିକ କର୍ମଚାରୀ ଯୋଗ ଦେଇ ପୁରୁଣା ପେନ୍‌ସନ୍ ଲାଗୁ କରିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖିଥିଲେ।

## ଓଡ଼ିଶା ଗ୍ରାମ୍ୟ ନିର୍ମାଣ ୱାର୍କଚାର୍ଜଡ୍ କର୍ମଚାରୀ ସଂଘର ବୈଠକ

ଭୁବନେଶ୍ୱର,୧୪।୯(ବ୍ୟୁରୋ): ଅଲ୍ ଓଡ଼ିଶା ଗ୍ରାମ୍ୟ ନିର୍ମାଣ ଡ୍ରଡଓଭର୍ ୱାର୍କଚାର୍ଜଡ୍ କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକ ଗୁରିଟ-୫ସ୍ଥିତ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବୁଦ୍ଧ ଦପ୍ତା ବାବି ସମ୍ପର୍କରେ ଗ୍ରାମ୍ୟ ନିର୍ମାଣ କର୍ମଚାରୀ ସଂଘ ତରଫରୁ ପୁନଶ୍ଚ ସରକାରଙ୍କୁ ଅବଗତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ୩୦ଟି ୩୫ ବର୍ଷ ଅସ୍ଥାୟୀ ଚାକିରି କରିଥିବା ଡ୍ରଡଓଭର ୱାର୍କଚାର୍ଜଡ୍ ଓ ରେଗୁଲାର ଚାକିରି ସମୟକୁ ମିଶାଇ ପେନସନ୍ ପ୍ରଦାନ କରିବା ଏବଂ ଅନ୍ୟ ଲଞ୍ଜିମିନିଟିଂ ବିଭାଗର ପୂର୍ବ ଅବସର ଷ୍ଟେଜେସ୍ ପରବିରେ ୱାର୍କଚାର୍ଜଡ୍‌ଙ୍କୁ ଯେଉଁଭଳି ରେଗୁଲାର ନିଯୁକ୍ତି କରାଯାଇଛି ସେହିଭଳି ଗ୍ରାମ୍ୟ ନିର୍ମାଣ ବିଭାଗରେ ପୂର୍ବ ଅବସର ଷ୍ଟେଜେସ୍ ପରବିରେ ୱାର୍କଚାର୍ଜଡ୍‌ଙ୍କୁ ନିୟମିତ ନିଯୁକ୍ତି ମିଳୁଥିବାରୁ ସେମାନଙ୍କୁ ପେନସନ ଦେବା ଆଦି ଦାବି ଅନ୍ତର୍ଭୁକ୍ତ ଥିଲା।

# ଖଣି ଲୁଟେରା ଗିଳିଦେଲେ ୨୨ ହଜାର କୋଟି

ଭୁବନେଶ୍ୱର, ୧୪।୯(ବ୍ୟୁରୋ): ଖଣି ଲୁଟେରା ଲୁଟିଲେ। ସରକାର ହାତବାନ୍ଧି ବସି ରହିଲେ। ଆଇନ କାନୁନକୁ ଖୋଲା ଲଙ୍ଘନ କରି ଖଣି ଗୋରମାନେ ରାଜ୍ୟର ଖଣିଜ ସମ୍ପଦ ଚୋରି କରି ମାଲାମାଲ ହେଲେ। ରାଜ୍ୟ ରାଜକୋଷ କ୍ଷତି ସହିଲା। ଲୁଟେରାଙ୍କ ପକେଟକୁ ଗଲା ୨୨ ହଜାର ୩୯୨ କୋଟି ଟଙ୍କା।

ଏ ଅନିୟମିତତା ଓ ଖଣି ଗୋରିଭୁ ଧରିଛନ୍ତି ଭାରତ ମହାଲେଖା ନିୟନ୍ତ୍ରକ ତଥା ମହାସମାଲୋଚକ (ସିଏଜି)। ଖଣି ଅତିଟ୍ ବେଳେ କିଭଳି ଜିନ୍ସ ଜିନ୍ସ ଗାରରେ ଲୁଟେରାମାନେ ଖଣିଜ ସମ୍ପଦକୁ ଲୁଟିଛନ୍ତି ଅତିଟ୍‌ରେ ଚାଲୁ ଧରିଛନ୍ତି ସିଏଜି।

ସିଏଜିଙ୍କ ରିପୋର୍ଟରେ ମିଳିଛି ଚାଲୁବ କଳା

- ଲୁହାପଥର ଗୁଣ୍ଡକୁ ଷ୍ଟିନ୍‌ଡ ଫାଇନ୍‌ସ ଦର୍ଶାଇ ୧୦,୨୯୪ କୋଟି ଟଙ୍କା ଲୁଟ୍
- ନିୟମ ଉଲ୍ଲଂଘନ କରି ଲିଜ୍ ପ୍ରଦାନ
- ପରିବେଶ ମଞ୍ଜୁରି ନଥାଇ ଖଣିଜ ଉତ୍ତୋଳନ
- ଅନୁମୋଦିତ ପରିମାଣଠାରୁ ଅଧିକ ଉତ୍ତୋଳନ
- ମୋଟରସାଇକେଲ, ଅଟୋ, କାରରେ ଖଣିଜ ପରିବହନ
- ସିଏଜି ରିପୋର୍ଟ୍‌ରେ ତଥ୍ୟ

ଭଳି ତଥ୍ୟ। କେଉଁଠି ନିୟମ ଉଲ୍ଲଂଘନ କରି ଲିଜ୍ ପ୍ରଦାନ କରାଗଲା ତ ଆଉ କେଉଁଠି ମଜୁରୀ ବୃଦ୍ଧି କରାଗଲା ଲିଜ୍ ଅବଧି। ଖଣି ବିଭାଗର ଏ ଅହେତୁକ ଅନୁକମ୍ପା ରାଜକୋଷକୁ କ୍ଷତି କଲା। ଖଣିଗୋରଙ୍କୁ ଦେଲା ଲାଭ। କେଉଁଠି ଲୁହାପଥର ଗୁଣ୍ଡକୁ ଷ୍ଟିନ୍‌ଡ ଫାଇନ୍‌ସ ଦର୍ଶାଗଲା। ଆଉ କେଉଁଠି ଅନୁମୋଦିତ ପରିମାଣଠୁ ଅଧିକ ଖଣି ଉତ୍ତୋଳନ ହେଲା। ପରିବେଶ ମଞ୍ଜୁରି ନଥାଇ ବି ଖଣିଜ ସାମଗ୍ରୀ ଉତ୍ତୋଳନ କରାଯାଇଛି। ଲୁହାପଥର ଗ୍ରେଡ୍ ହ୍ରାସ, ଇ-ପାସରେ ଟ୍ରାଫିକ ନରହିବା, ଖଣିଜ ପରିବହନ ପାଇଁ ଯୋଗାଏ ନଥିବା ଗାଡ଼ିକୁ ଇ-ପାସ, ଧାର୍ଯ୍ୟ ପରିମାଣଠୁ ଅଧିକ ପରିବହନ ଭଳି ବେଆଇନ ଖଣି କାର୍ଯ୍ୟରୁ ରାଜ୍ୟ ଏତେ ପରିମାଣର କ୍ଷତି ସହିଛି।

ଅତିଟ୍ ରିପୋର୍ଟରେ ସିଏଜି ଦର୍ଶାଇଛନ୍ତି, ନୂଆ ଲୁହାପଥର ଖଣିଗୁଡ଼ିକରୁ ଉତ୍ତୋଳିତ ଖଣିଜ ପଥର ଗ୍ରେଡ୍ ଓ ବର୍ଗୀକରଣ ହଠାତ୍ ହ୍ରାସ ପାଇଥିଲା। ନିଲାମ ପୂର୍ବରୁ ସଂପୃକ୍ତ ଖଣିର ଲୁହାପଥରରେ ଲୌହ ଉତ୍ପାଦ ୮୩୪ଟୁ ଅଧିକ ଥିଲା। ନିଲାମ ପରେ ଏହା ୧୬ ପ୍ରତିଶତକୁ ଖସିଗଲା। ଏହା ଅସମ୍ଭବ ବୋଲି ସିଏଜି ଦର୍ଶାଇଛନ୍ତି। ଉଚ୍ଚ ଗ୍ରେଡ୍ ଉପରେ ଅଧିକ ରୟାଲ୍ଟି ଓ ପ୍ରିମିୟମକୁ ଏଡ଼ାଇବା ପାଇଁ ନୂଆ ଖଣି ଲିଜ୍‌ଧାରୀମାନେ ଉତ୍ପାଦିତ ଲୁହାପଥରର ଗ୍ରେଡ୍‌କୁ କମାଇ ରିପୋର୍ଟ ଦାଖଲ କରିଛନ୍ତି। ଏଥିଯୋଗୁଁ କମ୍ ରୟାଲ୍ଟି ଓ ପ୍ରିମିୟମ ମିଳିଥିଲା। ରାଜ୍ୟ ରାଜକୋଷ ପ୍ରାୟ ୪୧୬୨.୭୭କୋଟି ଟଙ୍କାର ରାଜସ୍ୱ କ୍ଷତି ସହିଛି। ସେହିଭଳି ୮ଟି ଖଣି କ୍ଷେତ୍ରରେ ଅନୁମୋଦିତ ସୀମାଠାରୁ ଅଧିକ ଖଣିଜ ପଥର ଉତ୍ତୋଳନ କରାଯାଇଛି। ଏଥିପାଇଁ ୩୬୮.୫୦କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି। ଏହି ଅର୍ଥକୁ ଆଦାୟ କରିବାକୁ ସିଏଜି ପରାମର୍ଶ ଦେଇଛନ୍ତି। ସରକାର କିଛୁ ହାତବାନ୍ଧି ବସିଛନ୍ତି।

ପରିବେଶ ମଞ୍ଜୁରିକୁ ଖୋଲା ଉଲ୍ଲଂଘନ କରାଯାଇ ଧାର୍ଯ୍ୟ ସୀମାଠୁ ଅଧିକ ଖଣିଜ ପଥର ଉତ୍ତୋଳନ ହୋଇଛି। ଯାହା ସଂପୂର୍ଣ୍ଣ ବେଆଇନ। ବେଆଇନ ଭାବେ ଉତ୍ତୋଳିତ ଖଣିଜ ପଥର ମୂଲ୍ୟ ୧୬୯୯ କୋଟି ଟଙ୍କା ବୋଲି ଆଜକଳ କରାଯାଇଛି। ବିନା ଅନୁମତିରେ ମଧ୍ୟ ୫୫୦ କୋଟି ଟଙ୍କାର ଖଣିଜ ଉତ୍ତୋଳନ କରାଯାଇଛି। ଏପରିକି ୦୪୧୨୪ ଟଙ୍କା ଟଙ୍କାର ଅଧିକ ଅଧିକ ପଥର ଉତ୍ତୋଳନ କରିଥିଲା। ଖଣିଜ ପଥର ପରିବହନ ଇ-ପାସରେ ମଧ୍ୟ କେଲେଙ୍କାରୀ ହୋଇଛି। ୧୬ ଲକ୍ଷ ୭୦ ହଜାର ଇ-ପାସ୍ ଯାଞ୍ଚ କରାଯାଇ ନଥିବାରୁ ୧୪୬୩୩ କୋଟି ଟଙ୍କାର କ୍ଷତି ହୋଇଛି। ଆଇଏମଏମ୍‌ଏସ୍‌ରେ ଲିଜଧାରୀଙ୍କ ବିକ୍ରିବଟାର କମ ରିପୋର୍ଟ ଅପଲୋଡ୍ କରାଯାଇଛି। ୭ ଜଣ ଲିଜଧାରୀ ବିକ୍ରି କାରବାର କମ୍ ଦର୍ଶାଇ ୦୦୫ କୋଟିର ରୟାଲଟି ହଡ଼ପ କରିଛନ୍ତି। ଓଏମଏସ୍‌ପି ଓ ଏନ୍‌ଏମଇଟି ବାବଦକୁ ୨୯୦ କୋଟି ହରାଇଛନ୍ତି ସରକାର।

ଚଳନ୍ତିବର୍ଷ କରି ଲୁହାପଥର ଗୁଣ୍ଡକୁ ଷ୍ଟିନ୍‌ଡ ଫାଇନ୍‌ସ୍ ବୋଲି ଦର୍ଶାଯାଇଥିଲା। ଏଭଳି ଯାଞ୍ଚ କରିଥିବା ୨୦ଟି ନମୁନା ଖଣି କ୍ଷେତ୍ରରେ ପ୍ରାୟ ୧୦,୨୯୪.୨୪ କୋଟି ଟଙ୍କାର ରାଜସ୍ୱ କ୍ଷତି ଆକଳନ କରିଛନ୍ତି। ଏଥିରେ ୫୮୪୧ କୋଟି ଟଙ୍କାର ରୟାଲ୍ଟି ଓ ପ୍ରାୟ ୪୪୫୪କୋଟି ଟଙ୍କାର ପ୍ରିମିୟମ ରହିଛି। କେବଳ ଅଧିକ ରୟାଲ୍ଟି ଓ ପ୍ରିମିୟମକୁ ଏଡ଼ାଇବା ପାଇଁ ଲିଜ୍‌ଧାରୀମାନେ ଲୁହାପଥର ଗୁଣ୍ଡର ଗ୍ରେଡ୍‌କୁ ନିମ୍ନମାନର ଦର୍ଶାଇଛନ୍ତି। ଖଣିଜ ପରିବହନ ପାଇଁ ଗାଡ଼ିଗୁଡ଼ିକ ଆଇଏଏମ୍‌ଏସ୍‌ରେ ପଞ୍ଜୀକରଣ ହୋଇନଥିଲା। ଏପରିକି ମୋଟରସାଇକେଲ, ଅଟୋ, କାରକୁ ମଧ୍ୟ ଖଣିଜ ପରିବହନ କାମରେ ଲଗାଯାଇଛି ଦର୍ଶାଇ ପଞ୍ଜୀକୃତ କରାଯାଇଥିବା ଅତିରେକ ଜଣାପଡ଼ିଛି। ରାଜ୍ୟରେ ଖଣିଜ ପଥର୍ଥର ଯେ ବେଆଇନ ପରିବହନ ହୋଇଛି ଏହା ପ୍ରମାଣିତ କରୁଛି।

## ପ୍ରେମିକଙ୍କୁ ମାଡ଼ମାରି ପ୍ରେମିକାଙ୍କ ମୋବାଇଲ ନେଇଗଲେ

ଚନ୍ଦ୍ରଶେଖରପୁର,୧୪।୯(ଆପ୍ର): ପଟିଆ ଷ୍ଟେସନ-ବାଲିଯାତ୍ରା ପଡ଼ିଆ ରାସ୍ତାରେ ଆତଙ୍କ ଖେଳାଇଛନ୍ତି ଲୁଟେରା। ଏବୁଦିଆ ସୁଯୋଗରେ ପ୍ରେମିକଙ୍କୁ ମାଡ ମାରି ପ୍ରେମିକାଙ୍କଠୁ ଦୁଇ ମୋବାଇଲ ଖିଶି ନେଇ ଯାଇଛନ୍ତି। କଳାରାହାଙ୍କରେ ରହୁଥିବା ଶୁଭମ୍ ସଶ୍ୟାରେ ତାଙ୍କ ବାଈବୀ ସୋନାଲିଙ୍କୁ ଦେଖା କରିବାକୁ ଉକ୍ତ ରାସ୍ତାକୁ ଚାଲିଥିଲେ। ରାସ୍ତାକଡ଼ରେ ଗାଡ଼ି ଉପରେ ଉଭୟ ବସି କଥା ହେଉଥିଲେ। ସୋନାଲି ଦୁଇଟି ମୋବାଇଲ ଧରିଥିଲେ। ଏହି ସମୟରେ ପଟିଆ ଷ୍ଟେସନ ଟପୁ ଏକ ବାଇକରେ ପହଞ୍ଚିଥିଲେ ଦୁଇ ଲୁଟେରା। ଗାଡି ପଛରେ ବସିଥିବା ଲୁଟେରା ପ୍ରଥମେ ସୋନାଲି ଧରିଥିବା ମୋବାଇଲକୁ ଛଡାଇବାକୁ ଚେଷ୍ଟା କରିଥିଲା। ଶୁଭମ୍ ଏହାକୁ ବିରୋଧ କରିଥିଲେ। ଲୁଟେରା ଶୁଭମଙ୍କୁ ମାଡ଼ ମାରିଥିଲେ। ଭୟରେ ସୋନାଲି ଦୁଇଟା ଫୋନ ମୋବାଇଲ ଲୁଟେରାଙ୍କ ହାତକୁ ବଢାଇ ଦେଇଥିଲେ। ଏହି ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ନଥିବାରୁ ଏହାର ପାଇଦା ଉଠାଇଛନ୍ତି ଲୁଟେରା।

## ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# ମତ ବଦଳାଇଲେ ମୁଖ୍ୟମନ୍ତ୍ରୀ: ବିଜେଡି

ଭୁବନେଶ୍ୱର,୧୪।୯(ବ୍ୟୁରୋ): ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ମତ ବଦଳାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦଳୀୟ ନେତାଙ୍କ ଚାପରେ ସେ ଅସହାୟ ହୋଇ ପଡ଼ିଛନ୍ତି ବୋଲି ଅଭିଯୋଗ ଆଣିଛି ବିଜେଡି। ମୁଖ୍ୟମନ୍ତ୍ରୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ୨୪ ଘଣ୍ଟାରେ କେନ୍ଦ୍ରଙ୍କୁ ପ୍ରସ୍ତାବ ଦିଅନ୍ତୁ ବୋଲି ବିଜେଡି ଦାବି କରିଛି। ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡ. ସସ୍ମିତ ପାତ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜ ଦଳୀୟ ନେତା ଓ ବିଧାୟକଙ୍କ ଦ୍ୱାରା ଚାପଗ୍ରସ୍ତ। ସେ ଜଣେ ଅସହାୟ ମୁଖ୍ୟମନ୍ତ୍ରୀ ଭାବେ ପରିଚାଳିତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଅନେକ ଘୋଷଣା ପରବର୍ତ୍ତୀ ସମୟରେ ପୁଣି ବଦଳି ଯାଉଛି। କିଛି ଦିନ ତଳେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠାର ଯଥାର୍ଥତା ନାହିଁ। ତା' ପରଦିନ ପୁଣି ମୁଖ୍ୟମନ୍ତ୍ରୀ କହିଲେ ଏହା ସରକାରଙ୍କ ବିଚାରାଧୀନ ଅଛି। ଏଭଳି ଆଚରଣ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରେ ଶୋଭନୀୟ ନୁହେଁ ବୋଲି ଡ. ପାତ୍ର କହିଛନ୍ତି।

ସେହିପରି ଗତ ଅଗଷ୍ଟ ୮ରେ ସାଂସଦ ଡ. ପାତ୍ର ରାଜ୍ୟସଭାରେ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଥିଲେ, ରାଜ୍ୟ ସରକାରଙ୍କ ନିକଟରେ ଏହା ବିଚାରାଧୀନ ଅଛି। ସରକାରକୁ ଆସିବାର ୩ ମାସ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏ ସଂକ୍ରାନ୍ତ ଜୋଶିପି ପିଷ୍ଟିଲି କେନ୍ଦ୍ରକୁ ଅବଗତ କରାଇ ନାହାନ୍ତି। ନିଷ୍ପତ୍ତି ନେବା ବଦଳରେ ନିଜେ ବିଧାନସଭାରେ କରିଥିବା ଘୋଷଣାକୁ ଦଳୀୟ ନେତୃତ୍ୱମଣ୍ଡଳୀ ଓ ବିଧାୟକଙ୍କ ଚାପରେ ମିଥ୍ୟା ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଡ. ପାତ୍ର ଅଭିଯୋଗ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ୍ ମହାରଥି, ଡ. ପ୍ରିୟବ୍ରତ ମାଝୀ, ବ୍ରହ୍ମମୟ ପଣ୍ଡା ଉପସ୍ଥିତ ଥିଲେ।

# ପୋଲାଭରମ୍ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦିଅ: ସପା

ଭୁବନେଶ୍ୱର,୧୪।୯(ବ୍ୟୁରୋ): ପୋଲାଭରମ୍ କ୍ଷତିଗ୍ରସ୍ତଙ୍କ ଅଲଆନ ଓ କ୍ଷତିପୂରଣ ଦାବି କରିଛି ସମାଜବାଦୀ ପାର୍ଟି। ଏନେଇ ପାର୍ଟି ଚିଠି ଲେଖି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ପାର୍ଟି ସଭାପତି ଶିବ ହାଡା ଚିଠିରେ ଉଲ୍ଲେଖ କରିଛନ୍ତି, ପ୍ରତିବର୍ଷ ବର୍ଷା ଋତୁ ଆସିଲେ ମାଲକାନଗିରି ଜିଲ୍ଲା ମୋଟୁ ଅଞ୍ଚଳରେ ବନ୍ୟା ଦେଖାଦିଏ। ବନ୍ୟା ବିପତ୍ତି ଯୋଗୁ କାଳିମେଳା ଓ ମୋଟୁ ଅଞ୍ଚଳ ଜଳମଗ୍ନ ହୁଏ। ଏହାର ମୁଖ୍ୟ କାରଣ ପୋଲାଭରମ୍ ପ୍ରକଳ୍ପର ପଛୁଆ ଜଳ। ଏହି ଜଳ ଏବେ ମାଲକାନଗିରି ଜିଲ୍ଲାରେ ଦେଖାଦେଇଛି। ଏହି ବନ୍ୟା ବିଭୀଷିକା ମନୁଷ୍ୟକୃତ। ଏଥିପାଇଁ ଆନ୍ଧ୍ର ଓ ରାଜ୍ୟ ସରକାରର ଉଭୟ ଦାୟୀ। ଆନ୍ଧ୍ର ସରକାରଙ୍କ ଇରିଗା ସାଗର ଡ୍ୟାମ ଓଡ଼ିଶା ପାଇଁ ବିପଦ ସାଜିଛି। ଏହି ପ୍ରକଳ୍ପ କାର୍ଯ୍ୟ ପ୍ରାୟତଃ ଶେଷ ହୋଇଛି। ଆନ୍ଧ୍ର ସରକାର ଏହାର ପରୀକ୍ଷାମୂଳକ କାର୍ଯ୍ୟ ଆରମ୍ଭ କରିଛନ୍ତି। ସେଥିପାଇଁ ଆନ୍ଧ୍ର ସରକାର ଡ୍ୟାମର ସମସ୍ତ ଗେଟ୍ ବନ୍ଦ ହେବା ଯୋଗୁ ପୋଲାଭରମ ପ୍ରକଳ୍ପ ଠାରୁ ପ୍ରାୟ ୫୦ କିଲୋମିଟର ପଛକୁ କୃଷ୍ଣାଗୋଦାବରୀ ପର୍ଯ୍ୟନ୍ତ ପାଣି ଛଡ଼ିବାରୁ ମାଗୁଛି ବୋଲି ସେ ଅଭିଯୋଗ କରିଛନ୍ତି।

**ପୂର୍ବ ତଟ ରେଳପଥ**

ବେଗର ସଂ.T-M-KUR-CTC-WR-260-2024

ଟେଣ୍ଡର ନାମ : ଖୁର ବର୍ଷ ଏମାସ ଅବଧି ଦିନରେ ବିଭିନ୍ନ ଷ୍ଟେସନ୍ ଇଲେକ୍ଟ୍ରିକାଲ (ଫାଇଭର୍, ଏଣ୍ଡ ଷ୍ଟାଫର) / ବିବର ଅଧ୍ୟମରୁ ବିବର ସାନ୍ଦିପାଲେ ଚଳୁଛି, ବଜିଗ, ପିଟିକ, ଭିଟ୍ଟିଗ, ଭଳମର୍ଷ ଜର୍ଜ ଖୁବର ରକ୍ଷଣାବେକ୍ଷଣ କାର୍ଯ୍ୟ।

ବିଜ୍ଞାପିତ ମୂଲ୍ୟ (₹) : 2,80,38,955.83, EMD (₹) : 2,50,200.00, ଟେଣ୍ଡର ପ୍ରସ୍ତୁତିର ମୂଲ୍ୟ (₹) : 11,800.00, ଟେଣ୍ଡର ବୈଧତା ଅବଧି : 24 ମାସ।

ବିଡ୍ ଅଗ୍ରାଣ ଜମା ତାରିଖ : ତା.17.09.2024 ଦିନ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.10.2024 ଦିନ 1530 ଘଣ୍ଟାରେ।

ଏ